## ଗ୍ରାମୀଣ କୃଷି ମୌସମ ସେବା
## ଭାରତୀୟ ପାଣିପାଗ ବିଭାଗ
## ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
## ମହିଷାପାଟ, ଢେଙ୍କାନାଳ – ୭୫୯୦୦୧

ଡ. ମହମ୍ମଦ ଅବଦୁଲ ଅଲିମ
ଟେକେନିକାଲ ଅଫିସର (ଭା.ପ୍ରା.)

ସପ୍ତାହ ସଂଖ୍ୟା .୧୨

ବୁଲେଟିନ ନମ୍ବର :୯୦
ତାରିଖ : ୨୦।୦୩।୨୦୨୦
(ଶୁକ୍ରବାର)

### ଢେଙ୍କାନାଳ ଜିଲ୍ଲା

### ଗତ ସପ୍ତାହ ର ପାଣପାଗ ସମ୍ବନ୍ଧୀୟ ସୂଚନା (୧୪.୦୩.୨୦୨୦ ରୁ ୨୦.୦୩.୨୦୨୦)

| | |
|---|---|
| ବୃଷ୍ଟିପାତ (ମି.ମି.) | **8.2** |
| ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେଲସିୟସ) | **33.7-35.3** |
| ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେଲସିୟସ) | **18.2-24.0** |

### ଆଞ୍ଚଳିକ ପାଣିପାଗ କେନ୍ଦ୍ର, ଭୁବନେଶ୍ୱର ଅନୁଯାୟୀ ଅଗ୍ରୀମ ସୂଚନା

| ତାରିଖ | ବୃଷ୍ଟିପାତ (ମି.ମି.) | ତାପମାତ୍ରା (ଡି.ସେ.) | | ସର୍ବମୋଟ ମେଘାଚ୍ଛାନ୍ନତା (ଅକ୍ଟା) | ଆପେକ୍ଷିକ ଆର୍ଦ୍ରତା (%) | | ପବନ ର ବେଗ (କି.ମି./ଘ.) | ପବନ ର ଦିଗ |
|---|---|---|---|---|---|---|---|---|
| | | ସର୍ବାଧିକ | ସର୍ବନିମ୍ନ | | ସର୍ବାଧିକ | ସର୍ବନିମ୍ନ | | |
| 21/3/2020 | 2 | 33 | 20 | 3 | 73 | 21 | 4 | 146 |
| 22/3/2020 | 20 | 35 | 18 | 5 | 85 | 25 | 5 | 119 |
| 23/3/2020 | 3 | 33 | 20 | 1 | 78 | 33 | 3 | 130 |
| 24/3/2020 | 10 | 34 | 21 | 1 | 81 | 27 | 5 | 166 |
| 25/3/2020 | 0 | 35 | 21 | 1 | 76 | 24 | 4 | 169 |

- ଆସନ୍ତା ଶନିବାର ଠାରୁ ମଙ୍ଗଳବାର ପର୍ଯ୍ୟନ୍ତ ୩୫ ମି.ମି ବର୍ଷା ହେବାର ସମ୍ଭାବନା ଅଛି।
- ଆକାଶ ମେଘୁଆ ରହିବା ସହିତ ୩–୫ କି.ମି.ପ୍ର.ଘ ବେଗରେ ପବନ ବୋହିପାରେ ।
- ଅଧିକ ସୁଫଳ ପାଇବା ପାଇଁ କୀଟନାଶକ ସହିତ ଅଠା ମିଶାଇ ସିଂଚନ କରନ୍ତୁ ।

**ଧାନ:**
- ସାଂପ୍ରତିକ ବର୍ଷା ଜଳକୁ ଜମିରେ ସଂରକ୍ଷଣ କରନ୍ତୁ । ଧାନ ଜମିରେ କବକ ଜନିତ ପତ୍ରପୋଡା ରୋଗ ଦେଖାଦେଲେ, ନିୟନ୍ତ୍ରଣ କରିବା ପାଇଁ ପ୍ରତି ଲିଟର ପାଣିରେ ୧ ଗ୍ରାମ ପ୍ଲାଣ୍ଟୋମାଇସିନ ଏବଂ ୨.୫ ଗ୍ରାମ କପର ଅକ୍ସିକ୍ଲୋରାଇଡ ୫୦ % WP ମିଶାଇ ସିଂଚନ କରନ୍ତୁ ।

**ରବି-ଚିନାବାଦାମ :**
- ଅଦିନିଆ ବର୍ଷା ଯୋଗୁ ଚିନାବାଦାମ ଫସଲରେ ଲୋମଶ ସାବାଳୁଆର ପ୍ରାଦୁର୍ଭାବ ବୃଦ୍ଧି ପାଇବାର ସମ୍ଭାବନା ରହିଛି। ଏହାକୁ ଦମନ କରିବା ପାଇଁ ପ୍ରତି ଲିଟର ଜଳରେ ୧.୫ ମି.ଲି ଲମ୍ବଡାସାଇହାଲୋଥ୍ରିନ କିମ୍ବା ୧.୫ ଗ୍ରାମ ଏସିଫେଟ ମିଶାଇ ସିଂଚନ କରିନ୍ତୁ ।

**ଡାଲି ଓ ତେଲ ଜାତୀୟ ଫସଲ**
- ମୁଗରେ ପତ୍ର ହଳଦିଆ ପଡିଯାଇଥିଲେ ତାହାର ପ୍ରତିକାର ପାଇଁ ୪ ଲିଟର ପାଣିରେ ୧ ଗ୍ରା ଥାଇଓମେଥୋକ୍ସାମ ମିଶାଇ ସିଂଚନ କରନ୍ତୁ ।
- ବିଗତ ତାପମାତ୍ରା ବୃଦ୍ଧି ସହିତ ଆଗକୁ ବର୍ଷା ହେବାର ଥିବାରୁ ସୋରିଷ ଫସଲରେ ଜଉ ପୋକ ସଂକ୍ରମଣ ଅଧିକ ହେବାର ସମ୍ଭାବନା ଅଛି । ଏହାକୁ ନିୟନ୍ତ୍ରଣ କରିବା ପାଇଁ ଏକରକୁ ୬୦ ଗ୍ରାମ ଫ୍ଲୋନିକମାଇଡ କିମ୍ବା ୪୦ ଗ୍ରାମ ଥାୟୋମେଥୋକ୍ସାମ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ।

**ଆଖୁ:**
- ଫସଲ ୪–୫ ମାସର ହୋଇଥିଲେ ମଳା ପତ୍ର ଗୁଡିକ ସଫା କରିଦିଅନ୍ତୁ । ପାଖାପାଖି ଗଛକୁ ଏକାଠି ବୁଦା ଆକାରରେ ବାନ୍ଧି ଦିଅନ୍ତୁ ।
- **ଅଗ କାଣ୍ଡ ବିନ୍ଧା ରୋଗରୁ ରକ୍ଷା କରିବା ପାଇଁ Lamba cyhalothrin** ଲିଟର ପାଣିରେ ୨ ମି.ଲି ମିଶାଇ ସିଂଚନ କରନ୍ତୁ ।

**ପନିପରିବା:**
- କୋବି ଜାତୀୟ ଫସଲରେ ଯଦି ଠିକିରିପିଠି ଗୁଣ୍ଡି ପୋକ ଦେଖାଦେଲେ ସେଥିରେ ୮୦ ଏମ.ଏଲ ସ୍ପିନୋସାଡ ୧୪.୫ ଏସ.ସି ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ।
- ଫୁଲକୋବି, ବନ୍ଧାକୋବି ତୋଳିବା ଅବସ୍ଥାରେ ଥିଲେ ଅମଳ କରିଦିଅନ୍ତୁ ।
- ବାଇଗଣ ରେ ଫଳ ଓ କାଣ୍ଡବିନ୍ଧା ପୋକ ର ନିୟନ୍ତ୍ରଣ ପାଇଁ ୬୦ ଏମ.ଏଲ କୋରଜେନ ୨୦ ଏସ.ସି ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ଏବଂ ମୂଳଶଢା ରୋଗ ଦେଖାଦେଲେ ୨୦ ଗ୍ରାମ ଷ୍ଟ୍ରେପ୍ଟୋସାଇକ୍ଲିନ କୁ ୨୦୦ ଲିଟର ପାଣିରେ ମିଶାଇ ମୂଳରେ ପକାନ୍ତୁ ।
- ବର୍ତ୍ତମାନ ଅବସ୍ଥାରେ ପନିପରିବା ଫସଲରେ ଜଉ ଏବଂ ଧଳା ମାଛି ଲାଗିବାର ସମ୍ଭାବନା ଥାଏ, ଦମନ କରିବା ପାଇଁ ପ୍ରତି ଲିଟର ପାଣିରେ ୦.୨୫ ମି.ଲି ଇମିଡାକ୍ଲୋପ୍ରିଡ ୧୭.୮% SL ଅଥବା ୨ ମି.ଲି ଡାଇମେଥୋଏଟ ୩୦% EC ମିଶାଇ ସିଂଚନ କରନ୍ତୁ ।
- ଟମାଟୋ ଫସଲରେ ଝାଉଁଳା ରୋଗ ଦେଖାଗଲେ ଦମନ କରିବା ପାଇଁ ପ୍ରତି ଲିଟର ପାଣିରେ ୩ ଗ୍ରା କପର ଅକ୍ସିକ୍ଳୋରାଇଡ ଏବଂ ୧ ଗ୍ରାମ ପ୍ଲାଣ୍ଟୋମାଇସିନ ମିଶାଇ ଗଛ ମୂଳରେ ସିଂଚନ କରନ୍ତୁ ।

**ମାଛ ଚାଷ :**
- ମାଛ ପୋଖରୀରେ ୫ ଫୁଟ ପଣି ରଖି ମାଛ ଚାଷ କରନ୍ତୁ।
- ଯେଉଁ ପୋଖରୀରେ ୫ ଫୁଟ ଗଭୀରର ପର୍ଯ୍ୟନ୍ତ ପାଣି ନାହିଁ ସେହି ପୋଖରୀରୁ ମାଛ ଧରି ନିଅନ୍ତୁ ।

**ପଶୁ ପାଳନ**
- ଗାଇ ଓ ଗୁହାଳକୁ ସଫା ରଖନ୍ତୁ । ଗୁହାଳରୁ ନିର୍ଗତ ହେଉଥିବା ଗାଇର ମଇଳା କୁ ଗୁହାଳ ପାଖରେ ଜମିବାକୁ ଦିଅନ୍ତୁ ନାହିଁ ଗୁହାଳ ଚାରିପାଖରେ ମଇଳା ପାଣି ଜମି ରହିଲେ କ୍ଷତିକାରକ ମଶା ଓ ଡାଉନ୍ସ ବଂଶ ବୃଦ୍ଧିର ସମ୍ଭାବନା ରହିଥାଏ ।
- ନିୟମିତ ବ୍ୟବଧାନରେ ଟିକା କରଣ କରାନ୍ତୁ ।

ଉପରୋକ୍ତ ଉପଦେଶ ପ୍ରାପ୍ତ ସୂଚନା ଉପରେ ଆଧାରିତ ।

ସହଯୋଗୀ ଗବେଷଣା ନିର୍ଦେଶକ ଙ୍କ ଦ୍ୱାରା ସ୍ୱୀକୃତ

କୃଷି ଭିତ୍ତିକ କୌଣସି ସମସ୍ୟା ପାଇଁ ଟୋଲ୍‌ଫ୍ରି ନମ୍ବର ୧୮୦୦ ୧୮୦ ୧୫୫୧ ସହିତ ସମ୍ପର୍କ କରନ୍ତୁ ।